# NATIONAL NEWS BULLETIN (ODIA)

**1 February - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଲୋକସଭାରେ ବଜେଟ୍ ଉପସ୍ଥାପନ କଲେ ଅର୍ଥମନ୍ତ୍ରୀ ।

- ଆର୍ଥିକ ଅଭିବୃଦ୍ଧି, ଦକ୍ଷତା ବିକାଶ ଏବଂ ସବ୍ କା ସାଥ୍-ସବ୍ କା ବିକାଶ ଉପରେ ପ୍ରସ୍ତୁତ ହୋଇଛି ବଜେଟ୍ ଅଭିଭାଷଣରେ କହିଲେ ଅର୍ଥମନ୍ତ୍ରୀ ।

- କର୍କଟ ରୋଗୀଙ୍କ ପାଇଁ ୧୭ଟି ଔଷଧ ଉପରେ ମୌଳିକ ସୀମା ଶୁଳ୍କ ଛାଡ ।

- ଓଡ଼ିଶା ସମେତ ଖଣିଜ ସମୃଦ୍ଧ ରାଜ୍ୟଗୁଡ଼ିକୁ ସହଯୋଗ ପ୍ରଦାନ କରିବା ପାଇଁ ନିର୍ମାଣ ହେବ ବିରଳ ଖଣିଜପଦାର୍ଥ କରିଡର ।

- ବଜେଟ୍‌କୁ ଅଭିବୃଦ୍ଧି ସମ୍ପନ୍ନ ଏବଂ ବିକାଶମୁଖୀ ବୋଲି ବର୍ଣ୍ଣନାକଲେ ସଂସଦୀୟ ବ୍ୟାପାର ମନ୍ତ୍ରୀ ।

ଏବଂ

- ଭାରତୀୟ ତଟରକ୍ଷୀ ବାହିନୀର ୫୦ବର୍ଷ ପ୍ରତିଷ୍ଠା ଦିବସ ଅବସରରେ ଶୁଭେଚ୍ଛା ଜ୍ଞାପନ କଲେ ପ୍ରଧାନମନ୍ତ୍ରୀ ଓ ପ୍ରତିରକ୍ଷାମନ୍ତ୍ରୀ ।

# ବଜେଟ୍-୨୦୨୬-୨୭

ଲୋକସଭାରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ  ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବଜେଟ୍ ଉପସ୍ଥାପନ କରିଛନ୍ତି । ୨୦୧୯ ମସିହାରେ ଅର୍ଥମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଅର୍ଥମନ୍ତ୍ରୀ ଶ୍ରୀମତୀ ସୀତାରମଣଙ୍କର ଏହା ହେଉଛି ରେକର୍ଡ ଲଗାତର ନବମଥର ବଜେଟ୍ ଉପସ୍ଥାପନ । ଦାରିଦ୍ର୍ୟ ଦୂରୀକରଣ ଏବଂ ଦେଶର ଲୋକଙ୍କ ଜୀବନଶୈଳୀରେ ଉନ୍ନତି ଆଣିବା ପାଇଁ ବଜେଟ୍‌ରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି । ଶ୍ରୀମତୀ ସୀତାରମଣ କହିଛନ୍ତି ଚଳିତବର୍ଷର ବଜେଟ୍ ୩ଟି କର୍ତ୍ତବ୍ୟ ଉପରେ ଆଧାରିତ । ସେଗୁଡ଼ିକ ହେଉଛି ଆର୍ଥିକ ଅଭିବୃଦ୍ଧି, ଲୋକଙ୍କର ଦକ୍ଷତା ବିକାଶ ଏବଂ ପ୍ରତ୍ୟେକ ପରିବାର, ସମ୍ପ୍ରଦାୟ, ଆଞ୍ଚଳିକ କ୍ଷେତ୍ରକୁ ସମ୍ବଳ ସୁଯୋଗ ପ୍ରଦାନ ମାଧ୍ୟମରେ ସଶକ୍ତ କରିବା । ସେ କହିଛନ୍ତି ନିଯୁକ୍ତି ସୁଯୋଗ ସୃଷ୍ଟି, ଉତ୍ପାଦକତା ବୃଦ୍ଧି ଏବଂ ଦେଶର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ସରକାର ଇତିମଧ୍ୟରେ ବ୍ୟାପକ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି । ଗତବର୍ଷ ସ୍ୱାଧୀନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଘୋଷଣା ଆଧାରରେ ଦେଶରେ ୩୫୦ରୁ ଅଧିକ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଅର୍ଥମନ୍ତ୍ରୀ ବଜେଟ୍ ଅଭିଭାଷଣରେ ସୂଚନା ପ୍ରଦାନ କରିଛନ୍ତି । ସେଥିମଧ୍ୟରେ ଜିଏସ୍‌ଟି ସଂସ୍କାର, ନୂତନ ଶ୍ରମସଂହିତା ପ୍ରଚଳନ ଆଦି ଅନ୍ତର୍ଭୁକ୍ତ ।

ସଂସ୍କାରମୂଳକ ପଦକ୍ଷେପ ମାଧ୍ୟମରେ ଦେଶର ଆର୍ଥିକ ସ୍ଥିତି ଗତିଶୀଳ ହେବା ସହିତ ସରକାରଙ୍କ ପରିକଳ୍ପିତ କର୍ତ୍ତବ୍ୟକୁ  ସହଯୋଗ

ପ୍ରଦାନ କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି ।

ଅର୍ଥମନ୍ତ୍ରୀ କହିଛନ୍ତି ସବ୍ କା ସାଥ୍ ସବ୍ କା ବିକାଶ ଦୃଷ୍ଟିକୋଣ ଆଧାରରେ ବଜେଟ୍‌ରେ ବିଭିନ୍ନ କ୍ଷେତ୍ରକୁ ପ୍ରାଧାନ୍ୟ ଦିଆଯାଇଛି । ଖଦି, ହସ୍ତତନ୍ତ ଏବଂ ହସ୍ତଶିଳ୍ପ କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ମହାତ୍ମା ଗାନ୍ଧୀ ଗ୍ରାମସ୍ୱରାଜ ପଦକ୍ଷେପ ଆରମ୍ଭ କରିବାକୁ ପ୍ରସ୍ତାବ ଦିଆଯାଇଛି । ବୟନଶିଳ୍ପ କ୍ଷେତ୍ର ପାଇଁ ବୃହତ୍ ଟେକ୍ସଟାଇଲ୍ ପାର୍କ ସ୍ଥାପନ ତଥା ଜାତୀୟ ଫାଇବର ଯୋଜନା ସହିତ ସମନ୍ୱୟ ମାଧମରେ ବିଭିନ୍ନ ପଦକ୍ଷେପ ନେଇ ବଜେଟ୍‌ରେ ପ୍ରସ୍ତାବ ଦିଆଯାଇଛି । ଏସ୍‌ଏମ୍‌ଇ କ୍ଷେତ୍ରକୁ ପ୍ରୋତ୍ସାହନ ପ୍ରଦାନ କରିବା ନେଇ ୧୦ହଜାର କୋଟି ଟଙ୍କାର ଏକ ଏସ୍‌ଏମ୍‌ଇ ଅଭିବୃଦ୍ଧି ପାଣ୍ଠି ପ୍ରଚଳନ କରାଯିବ । ଦେଶରେ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଉତ୍ପାଦନ ଯୋଜନାର ବ୍ୟୟ ଅଟକଳ ୪୦ହଜାର କୋଟି ଟଙ୍କାକୁ ବୃଦ୍ଧି ପ୍ରସ୍ତାବ ଦିଆଯାଇଛି । ଖଣି, ପ୍ରକ୍ରିୟାକରଣ, ଗବେଷଣା ଏବଂ ଉତ୍ପାଦକୁ ପ୍ରୋତ୍ସାହନ ପ୍ରଦାନ କରିବା ପାଇଁ ୩ଟି ସ୍ୱତନ୍ତ୍ର ରସାୟନିକ ପାର୍କ ପ୍ରତିଷ୍ଠା କରାଯିବ । ୫ଲକ୍ଷରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ସହର ଗୁଡ଼ିକରେ ଭିତ୍ତିଭୂମି ବିକାଶକୁ ପ୍ରାଥମିକତା ପ୍ରଦାନ କରାଯାଇ ଏ କ୍ଷେତ୍ରରେ ପୁଞ୍ଜିକୁ ୧୨ଲକ୍ଷ ୨୦ହଜାର କୋଟି ଟଙ୍କାକୁ ବୃଦ୍ଧି କରାଯିବାକୁ ପ୍ରସ୍ତାବ ରହିଛି । ଆଗାମୀ ୫ ବର୍ଷ ମଧ୍ୟରେ ୨୦ଟି ନୂତନ ଜାତୀୟ ଜଳପଥକୁ କାର୍ଯ୍ୟକ୍ଷମ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ସେଥିମଧ୍ୟରେ ତାଳଚେର ଓ ଅନୁଗୁଳ ଖଣିଜ ସମୃଦ୍ଧ ଅଞ୍ଚଳଗୁଡ଼ିକୁ ସଂଯୋଗ କରାଯିବାକୁ ବ୍ୟବସ୍ଥା ରହିବ ।

ଦେଶର ବିଭିନ୍ନ ପ୍ରାନ୍ତରେ ୭ଟି ଦ୍ରୁତଗାମୀ ରେଳ କରିଡର ବିକାଶ କରାଯିବ । ବ୍ୟାଙ୍କିଂ କ୍ଷେତ୍ରର ସମୀକ୍ଷା କରିବା ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିବାକୁ ପ୍ରସ୍ତାବ ରହିଛି । ବିକଶିତ ଭାରତ ସ୍ୱପ୍ନ ପୂରଣ ଦିଗରେ ମୁଖ୍ୟ ସେବା କ୍ଷେତ୍ର, ଶିକ୍ଷା ଏବଂ ନିଯୁକ୍ତି ଓ ଉଦ୍ୟୋଗ କ୍ଷେତ୍ରଗୁଡ଼ିକ ପାଇଁ ସ୍ଥାୟୀ କମିଟି ଗଠନ କରିବେ । କର୍କଟରୋଗୀଙ୍କ ପାଇଁ ୧୭ଟି ଔଷଧ ଉପରେ ମୌଳିକ ସୀମାଶୁଳ୍କ ଛାଡ କରାଯାଇଛି । ଭାରତକୁ ଚିକିତ୍ସା ପର୍ଯ୍ୟଟନର ଏକ କେନ୍ଦ୍ର ଭାବେ ଗଢ଼ିତୋଳିବା ଲକ୍ଷ୍ୟ ନେଇ ସରକାର ୫ଟି ଆଞ୍ଚଳିକ ଚିକିତ୍ସା କେନ୍ଦ୍ରକୁ ସହାୟତା ପ୍ରଦାନ କରିବେ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି । ଅଧିକ ଦକ୍ଷ ସ୍ୱାସ୍ଥ୍ୟ କର୍ମଚାରୀ ସୃଷ୍ଟି କରିବା ଲକ୍ଷ୍ୟ ନେଇ ୩ଟି ନୂତନ ଅଖିଳ ଭାରତ ଆର୍ୟୁବେଦ ପ୍ରତିଷ୍ଠାନ ପ୍ରତିଷ୍ଠା କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ।

ଗୁରୁତ୍ୱପୂର୍ଣ୍ଣ ଐତିହ୍ୟ ସ୍ଥଳିଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା ନେଇ ପ୍ରଯୁକ୍ତିବିଦ୍ୟା ଆଧାରିତ ଏକ ଜାତୀୟ ଗ୍ରିଡ୍ ପ୍ରତିଷ୍ଠା କରାଯିବ । ଅର୍ଥମନ୍ତ୍ରୀ କହିଛନ୍ତି ଓଡ଼ିଶା, କର୍ଣ୍ଣାଟକ ଏବଂ କେରଳ ଉପକୂଳବର୍ତ୍ତୀ ଅଞ୍ଚଳର ପ୍ରମୁଖ ସ୍ଥାନ ଏବଂ ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁର ପୁଲିକାଟଲେକ କୂଳରେ ପକ୍ଷୀ ଦେଖିବା ମାର୍ଗ ସହିତ ଏକ କଇଁଛ ପଥ ମଧ୍ୟ ବିକଶିତ କରାଯିବ । ସଂରକ୍ଷଣ ଆଧାରିତ ସମନ୍ୱିତ ରଣନୀତି ଉପରେ ବିଚାରବିମର୍ଷ କରିବା ପାଇଁ ଭାରତରେ ଚଳିତବର୍ଷ ପ୍ରଥମଥର ପାଇଁ ବିଶ୍ୱ ବିଗ୍-କ୍ୟାଟ୍ ସମ୍ମିଳନୀ ଆୟୋଜନ କରାଯିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି । ଆଗାମୀ ଦଶନ୍ଧିରେ କ୍ରୀଡ଼ା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ସରକାର ଖେଲୋ ଇଣ୍ଡିଆ ମିଶନ କାର୍ଯ୍ୟକାରୀ କରିବେ ।

ମୋଟରର ଦୁର୍ଘଟଣା ଦାବି ନେଇ ଟ୍ରିବ୍ୟୁନାଲ ଦ୍ୱାରା ପ୍ରଦାନ କରାଯାଉଥିବା ସୁଧକୁ ସରକାର ଆୟକରମୁକ୍ତ ଘୋଷଣା କରିଛନ୍ତି । ବଜେଟ୍‌ରେ ଆୟକର ଦାଖଲ ସଂକ୍ରାନ୍ତ ସଂଶୋଧିତ ରିଟର୍ଣ୍ଣ କିମବା ବିଳମ୍ବିତ ରିଟର୍ଣ୍ଣ ଦାଖଲ ପାଇଁ ସମୟ ବୃଦ୍ଧି କରିବାକୁ ପ୍ରସ୍ତାବ ରହିଛି । ଟିକସ ବର୍ଷ ଶେଷ ପରେ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ସଂଶୋଧିତ ରିଟର୍ଣ୍ଣ ଦାଖଲ କରିବାର ସମୟସୀମା ବୃଦ୍ଧି କରିବାକୁ ଏଥିରେ ପ୍ରସ୍ତାବ ରହିଛି । ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍ କିମ୍ବା ସମୁଦ୍ରରେ ଭାରତୀୟ ମାଛ ଧରିବା ଜାହାଜ ଦ୍ୱାରା ଧରାଯାଉଥିବା ମାଛକୁ ଶୁଳ୍କମୁକ୍ତ କରାଯିବା ପାଇଁ ବଜେଟ୍‌ରେ ପ୍ରସ୍ତାବ ରହିଛି ।

ଆୟକର ଆଇନ୍ ୨୦୨୫ ଆସନ୍ତା ଏପ୍ରିଲ ୧ ତାରିଖରୁ କାର୍ଯ୍ୟକାରୀ ହେବ । ଅର୍ଥମନ୍ତ୍ରୀ କହିଛନ୍ତି ସରଳୀକୃତ ଆୟକର ନିୟମ ଏବଂ ଫର୍ମ ନେଇ ଖୁବ୍‌ଶୀଘ୍ର ଅଧିସୂଚନା ଜାରି କରାଯିବ ।

ଖଣି ସମୃଦ୍ଧ ରାଜ୍ୟ ଓଡ଼ିଶା, କେରଳ, ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁକୁ ସହଯୋଗ ପ୍ରଦାନ କରିବା ଲକ୍ଷ୍ୟ ନେଇ ଏକ ସ୍ୱତନ୍ତ୍ର ବିରଳ ଖଣିଜ ପଦାର୍ଥ କରିଡର ନିର୍ମାଣ କରାଯିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି ।

ସୂଚନାଯୋଗ୍ୟ ଅର୍ଥମନ୍ତ୍ରୀ ଲୋକସଭାରେ ବଜେଟ୍ ଉପସ୍ଥାପନା କରିବା ପୂର୍ବରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଆଜି ସକାଳେ ସୌଜନ୍ୟମୂଳକ ସାକ୍ଷାତ୍ କରିଥିଲେ । ପରମ୍ପରା ଅନୁଯାୟୀ ରାଷ୍ଟ୍ରପତି ମୁର୍ମୁ ଅର୍ଥମନ୍ତ୍ରୀଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ ।

## ରିଜିଜୁ-ବଜେଟ୍

କେନ୍ଦ୍ରମନ୍ତ୍ରୀ କିରେନ୍ ରିଜିଜୁ ୨୦୨୬-୨୭ କେନ୍ଦ୍ରୀୟ ବଜେଟ୍‌କୁ ଅଭିବୃଦ୍ଧି ଏବଂ ବିକାଶମୁଖୀ ବୋଲି କହିଛନ୍ତି । ସଂସଦ ବାହାରେ ସାମ୍ବାଦିକମାନଙ୍କ ସହ ଆଲୋଚନା କରି ଶ୍ରୀ ରିଜିଜୁ କହିଚନ୍ତି ଯେ, ଏହା ଏକ ରାଜନୈତିକ ବଜେଟ୍ ନୁହେଁ ବରଂ ଏଥିରେ ବିକଶିତ ଭାରତର ଏକ ଦୃଷ୍ଟିକୋଣ ରହିଛି । ସେ କହିଛନ୍ତି ଯେ ବଜେଟ୍ ଟି ଦେଶର ଜନସାଧାରଣଙ୍କ ଉପରେ ଧ୍ୟାନକେନ୍ଦ୍ରୀତ କରୁଛି ।

## ରାଜନାଥ-କୋଷ୍ଟଗାର୍ଡ଼

ଭାରତୀୟ ତଟରକ୍ଷୀ ବାହିନୀର ୫୦ବର୍ଷ ପ୍ରତିଷ୍ଠା ଦିବସ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ବାହିନୀର କର୍ମଚାରୀ ଏବଂ ସେମାନଙ୍କ ପରିବାରବର୍ଗଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ପୃଥକ୍ ପୃଥକ୍ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେମାନେ ସାହସ, ବୀରତ୍ୱ ଏବଂ ସମର୍ପଣ ଭାବ ନେଇ ତଟରକ୍ଷୀ ବାହିନୀ ଦେଶର ଉପକୂଳ ସୁରକ୍ଷା କ୍ଷେତ୍ରରେ ପ୍ରାଚୀର ସଦୃଶ ଛିଡାହୋଇଛି ବୋଲି ବର୍ଣ୍ଣନା କରିଛନ୍ତି । ଦେଶର ସାମୁଦ୍ରିକ ଉପକୂଳକୁ ସୁରକ୍ଷା ପ୍ରଦାନ କରିବାରେ ତଟରକ୍ଷୀ ବାହିନୀର ଅଙ୍ଗୀକାରବଦ୍ଧତାକୁ ପ୍ରଧାନମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଛନ୍ତି ।

'ଆମେ ସୁରକ୍ଷା ଦେଉ' ମୂଳମନ୍ତ୍ର ଆଧାରରେ ଭାରତୀୟ ତଟରକ୍ଷୀ ବାହିନୀ ଦେଶର ସାମୁଦ୍ରିକ କ୍ଷେତ୍ରରେ ରହୁଥିବା ଆହ୍ୱାନଗୁଡ଼ିକୁ ଦକ୍ଷତାର ସହ ମୁକାବିଲା କରୁଛି ବୋଲି ଶ୍ରୀ ସିଂହ କହିଛନ୍ତି ।

୧୯୭୭ ମସିହାରେ ମାତ୍ର ୭ଟି କେନ୍ଦ୍ର ସହ ଆରମ୍ଭ ହୋଇଥିବା ତଟରକ୍ଷୀ ବାହିନୀ ଏବେ ୧୫୫ଟି ଜାହାଜ ଏବଂ ୮୦ଟି ବିମାନ ସହିତ ଏକ ବ୍ୟାପକ ସୁରକ୍ଷା ସଂସ୍ଥାରେ ପରିଣତ ହୋଇଛି ।

# ପ୍ରେଜ୍-ଅମୃତ ଉଦ୍ୟାନ

ନୂଆଦିଲ୍ଲୀ ରାଷ୍ଟ୍ରପତି ଭବନରେ ଆଜି ଅମୃତ ଉଦ୍ୟାନ ଶୀତକାଳୀନ ବାର୍ଷିକ ସଂସ୍କରଣ ୨୦୨୬ର ଉଦ୍‌ଘାଟନୀ ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗ ଦେଇଥିଲେ । ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ୩ ତାରିଖରୁ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ସାଧାରଣ ଲୋକଙ୍କ ପାଇଁ ଅମୃତ ଉଦ୍ୟାନ ଖୋଲା ରହିବ । ସୋମବାର ବ୍ୟତୀତ ସପ୍ତାହରେ ୬ଦିନ ସକାଳ ୧୦ଟାରୁ ସଂଧ୍ୟା ୬ଟା ପର୍ଯ୍ୟନ୍ତ ଏହି ଉଦ୍ୟାନ ପରିଦର୍ଶନ କରାଯାଇପାରିବ । ସୋମବାର ରକ୍ଷଣାବେକ୍ଷଣ ପାଇଁ ଏବଂ ମାର୍ଚ୍ଚ ୪ ତାରିଖରେ ହୋଲି ଉତ୍ସବ ପାଇଁ ଉଦ୍ୟାନ ବନ୍ଦ ରହିବ । ବିଶେଷକରି ମାର୍ଚ୍ଚ ୩ ତାରିଖରେ ପ୍ରତିରକ୍ଷା କର୍ମଚାରୀ, ୫ ତାରିଖରେ ବରିଷ୍ଠ ନାଗରିକ, ୧୦ ତାରିଖରେ ମହିଳା ଓ ଜନଜାତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ୧୩ ତାରିଖରେ

ଦିବ୍ୟାଙ୍ଗଜନଙ୍କ ପାଇଁ ଉଦ୍ୟାନ ଉନ୍ମୁକ୍ତ ରହିବ । ପ୍ରତି ଶନିବାର ଦିନ ରାଷ୍ଟ୍ରପତି ଭବନର ଫୋର୍‌କୋର୍ଟରେ ଗାର୍ଡ ପରିବର୍ତ୍ତନ ସମାରୋହ ମଧ୍ୟ ପର୍ଯ୍ୟଟକ ଦେଖିବାର ସୁଯୋଗ ପାଇବେ । ଉଦ୍ୟାନକୁ ପ୍ରବେଶ ନିଃଶୁଳ୍କ ରହିଥିବାବେଳେ ଅନ୍‌ଲାଇନ୍ ମାଧ୍ୟମରେ ପ୍ରବେଶପତ୍ର ପାଇଁ ଆବେଦନ କରାଯାଇପାରିବ ବୋଲି କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ।

## ଜିଏସ୍‌ଟି କଲେକ୍ସନ-ଜାନୁଆରୀ

ଦେଶରେ ଗତ ମାସରେ ମୋଟ୍ ଦ୍ରବ୍ୟ ଓ ସେବାକର ଜିଏସ୍‌ଟି ସଂଗ୍ରହ ଗତବର୍ଷ ଜାନୁଆରୀ ମାସ ତୁଳନାରେ ୬ ଦଶମିକ ୨ ପ୍ରତିଶତ ବୃଦ୍ଧି ପାଇଛି । ଗତମାସରେ ଜିଏସ୍‌ଟି ବାବଦରେ ୧ଲକ୍ଷ ୯୩ହଜାର କୋଟିରୁ ଅଧିକ ରାଜସ୍ୱ ଆଦାୟ କରାଯାଇଛି । ଗତବର୍ଷ ଜାନୁଆରୀ ମାସରେ ମୋଟ୍ ଜିଏସ୍‌ଟି ସଂଗ୍ରହ ୧ଲକ୍ଷ ୮୨ହଜାର କୋଟି ରହିଥିଲା । ଗତମାସରେ କେନ୍ଦ୍ରୀୟ ଜିଏସ୍‌ଟି ବାବଦରେ ୩୮ହଜାର ୭୯୨କୋଟି, ରାଜ୍ୟ ଜିଏସ୍‌ଟି ବାବଦରେ ୪୭ହଜାର ୮୧୭କୋଟି ଏବଂ ସମନ୍ୱିତ ଜିଏସ୍‌ଟି ବାବଦରେ ୧ଲକ୍ଷ ୬ହଜାର ୭୫୦କୋଟି ଟଙ୍କା ସଂଗୃହୀତ ହୋଇଛି ।

# ଡବ୍ଲ୍ୟୁ.ପି.ଏଲ୍.

ମହିଳା ପ୍ରିମିୟର ଲିଗ୍ କ୍ରିକେଟ ପ୍ରତିଯୋଗିତାରେ ଆଜି ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ୟୁ.ପି. ୱାରିୟର୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଭଦୋଦରାର କୋଟାମ୍ବି ବି.ସି.ଏ. ଷ୍ଟାଡିୟମ୍‌ରେ ଏହି ମ୍ୟାଚ୍ ସନ୍ଧ୍ୟା ସାଢ଼େ ୭ଟାରେ ଖେଳାଯିବ । ଏହି ମ୍ୟାଚ୍‌ର ଫଳାଫଳ ପଏଣ୍ଟ ତାଲିକାର ତୃତୀୟ ସ୍ଥାନକୁ ସ୍ପଷ୍ଟ କରିବ । ଆସନ୍ତା ମଙ୍ଗଳବାର ଗୁଜୁରାଟ୍ ଜାଏଣ୍ଟସ୍ ସହ ତୃତୀୟ ସ୍ଥାନରେ ରହିଥିବା ଦଳ ଏଲିମିନେଟର ପର୍ଯ୍ୟାୟ ମ୍ୟାଚ୍ ଖେଳିବ । ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇସାରିଛି । ଆସନ୍ତା ଗୁରୁବାର ଦିନ ଏଲିମିନେଟ୍‌ର ପର୍ଯ୍ୟାୟର ବିଜେତା ଏବଂ ବେଙ୍ଗାଲୁରୁ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଖେଳାଯିବ ।